ଦ୍ରୋଣଙ୍କ ନିର୍ଦ୍ଦେଶରେ କୁରୁପାଣ୍ଡବଙ୍କର ଦ୍ରୁପଦଙ୍କୁ ବନ୍ଦୀକରି ଘେନି ଆସିବା

ୟେଥୁ ଅନନ୍ତରେ ଯେ ବଇବସୁତ ମନୁ
ଯାହା ପୁଛା କଲୁ ତାହା କହିବା ସାବଧାନୁ । ୧
ମୀନ ଶୁକଳ ଯେ ତ୍ରୋୟୋଦଶୀ ଅର୍କବାର
ହସ୍ତା ନାମେ ନକ୍ଷତ୍ର ଯେ ଭୋଗ୍ୟ ସେ ଦିନର । ୨
ତୈତୁଲ୍ୟ ନାମେ କରଣ ଗଣ୍ଡ ନାମେ ଯୋଗ
ମେଷ ସଂକରାନ୍ତିକି ପଚିଶ ଦିନ ଭୋଗ । ୩
ଆଖଡା ଶାଳେ ବସି ଅଛନ୍ତି ଗୁରୁ ଦ୍ରୋଣେ
ଭ୍ରାଥମାନନ୍ତ ଘେନି ଛାମୁରେ ଉଭା କୁରୁରାଣେ । ୪
ଦ୍ରୋଣେ ବୋଇଲେ ବାବୁ ହେ ଆମ୍ଭେ ଅଟୁଂ ଯେ ତୀର୍ଥବାସୀ
ତୁମ୍ଭଙ୍କୁ ବିଦ୍ୟା ଦେବା ନିମନ୍ତେ ଆମ୍ଭେ ସମୟେ ରହିଲୁ ଆସି । ୫
ଋଷି ବିପ୍ର ଭଗବନ୍ତ ଆବର ବ୍ରହ୍ମଚାରୀ
ପାଦ ଶ୍ରମେ ଭ୍ରମନ୍ତେଣ ସେ ଧର୍ମକୁ ଆଚରି । ୬
ତୁମ୍ଭେ ପରମ କଲ୍ୟାଣ ହୋଇଥାଅ କ୍ଷମେ
ଆମ୍ଭେ ତୀର୍ଥ ଯାତ୍ରା କରିବୁ ବାବୁ ଯିବୁଂ ନିଜ ଧର୍ମେ । ୭
ଦ୍ରିଯୋଧନ ଧୁଶାସନ ଆବର ବୀର କର୍ଣ୍ଣ
ୟେକାନ୍ତେ ତିଆରନ୍ତି ଭାରଦ୍ୱାଦଶଙ୍କ ନନ୍ଦନ । ୮

ଯଦ୍ୟପି ବିଦ୍ୟା ହୋ ଶିଖାଇଲୁ ଆମ୍ଭେ
ଭୀମ ଅର୍ଜୁନ ବିବାହୀ ନୋହିବାକ ତୁମ୍ଭେ । ୯
ତୁମ୍ଭେ ୟେକ ସୋଦର ଅଟ ଯେ ଅଭିନ୍ନ
ଯୁଝେଷ୍ଠିଙ୍କି ଭଗତି ହୋଇ ଥିବଟି ପଣ୍ଡୁର ସମାନ । ୧୦
ଯୁଝେଷ୍ଠିଙ୍କର ତୁଲେ କେବେ ଅଭାବ ନୋହିବ ରେ ବାଳ
ୟେ ଶିରୀ ସ- ଦ ଘେନି ଥିବ ସର୍ବକାଳ । ୧୧
ଦ୍ରିଯୋଧନ ବୋଇଲା ଯୋଡିଣ ବେନି କରପତ୍ର
ଅନେକ କାଳ ବିଦ୍ୟା ଯେ ଶିଖାଇଲ ଆମ୍ଭନ୍ତ । ୧୨
ଗୁରୁ ଦକ୍ଷିଣା ମାଗ ଆମ୍ଭେ ଦେବୁ ଯେ ତୁମ୍ଭନ୍ତ
ଯାହା ଇଛା ମାଗ ହୋ ଭଗବନ୍ତ । ୧୩
ୟେମନ୍ତେ କେତେହେଂ ଦିନ ତହିଂ ଗଲା
ସମସ୍ତ ଭ୍ରାଥଙ୍କୁ ରାଇ ଦ୍ରିଯୋଧନ ପଚାରିଲା । ୧୪
ଗୁରୁ ଦକ୍ଷିଣା ଦେବୁଂ ଆମ୍ଭନ୍ତ ମାଗସି ହୋ ଗୁରୁ
ଯେ ମନେ ଇଛା ଦେବୁଂ ବାଞ୍ଛା ଯାହା କରୁ । ୧୫
ଗୁରୁ ଦକ୍ଷିଣା ନ ଦେଇ ସାଧନ୍ତି ଯେ ବିଦ୍ୟା
ସେ ବିଦ୍ୟା ପରାପତ ନୋହଇଟି ଦେବ ସିଦ୍ଧା । ୧୬
ଗୁରୁ ବୋଇଲେ ବାବୁ ଶୁଣ ହୋ ଧୃତରାଷ୍ଟ୍ରି
ତୁ ଯାହା ବୋଇଲୁ ୟେ କଥା ସତ୍ୟଟି । ୧୭
ଆମ୍ଭେ ତଳ ହସ୍ତ କରି ଦାନ ଘେନିଲୁ ପ୍ରଶୁରାମଙ୍କ ତହୁଂ
ଆନକୁ ଦାନ ଆମ୍ଭେ ମାଗିବୁଂ ଅବା କାହୁଂ । ୧୮
ବାଞ୍ଛାଗୁରୁ ଶିକ୍ଷାଗୁରୁ କୋଦଣ୍ଡ-ଦୀକ୍ଷାଗୁରୁ
କାରଣ ପୁରୁଷ ତହୁଂ ପ୍ରତିଗ୍ରହ ଆମ୍ଭେ କରୁ । ୧୯
ଧନ ଦାନେ ଭୂମି ଦାନ ଆମ୍ଭର ନାହିଂ ପ୍ରିୟୋଜନ
ଆମ୍ଭନ୍ତ ଦକ୍ଷିଣା ଦେବ ସତ୍ୟ କର ଦୃଢ ମନ । ୨୦
ଦ୍ରିଯୋଧନ ବୋଇଲା ତୁମ୍ଭେ ଯାହା ମାଗ ତାତ
ଅବଶ୍ୟ ଦେବୁ ୟେହା ଆମ୍ଭର ତ୍ରିବାର ସତ୍ୟ ସତ୍ୟ । ୨୧

---------

୯ ।୨ ଭାଇରେ ଭାଇରେ ଭିନ୍ନ ନୋହିବଟି ତୁମ୍ଭେ ।

୧୧ ଯୁଝେଷ୍ଠିର ଯେବେ ଅପ୍ରୀତି ହୋଇବ ରେ ବାଳ ।

ୟେହି ଶିରୀ ସ- ଦ ନ ରହିବ ଚିରକାଳ ।

ଦ୍ରୋଣେ ବୋଇଲେ ବାବୁ ହେ ମାଗୁଅଛୁଂ ତୁମ୍ଭଙ୍କୁ
ଦ୍ରୋପଦ ରାଜାକଇ ଧରି ଆଣି ଦେବ ମୁକୁ । ୨୨
ମୁହିଂ ତୁମ୍ଭର ଗୁରୁ ତୁମ୍ଭେ ମୋହୋର ଦୁଲଣା
ୟେତେକ ଦିଲେ ଆମ୍ଭଙ୍କୁ ହୋଇବ ଗୁରୁ ଦକ୍ଷିଣା । ୨୩
ଶୁଣିଣ ଦ୍ରିଯୋଧନ କୋପେଣ ପ୍ରଚଣ୍ଡ
ଦ୍ରୋପଦ ପୁରକୁ ଯିବା ସାଜ ରେ ସମଦଣ୍ଡ । ୨୪
ରଥ ଗଜ ଅଶ୍ୱ ସଇନି ପାଦାନ୍ତି
ଢୋଲ ଦମାଲୁ ଭରି ବାଜଇ ଅପ୍ରମିତି । ୨୫
ଗଜ ତୁରଙ୍ଗ ଗହନେ ହାବୋଡନ୍ତି ରଥେ
ଚୋଖାର ତୁରଙ୍ଗମ ଚଢି ବିହଡନ୍ତି ରାଉତେ । ୨୬
ବୀର ତୂର ଟମକ ବିଜିଘୋଷ ବାଜି
ୟେକାଦଶ କ୍ଷଉଣୀ ସୈନ୍ୟ ବଳ ସାଜି । ୨୭
ଦଣ୍ଡ ସଜ ଦେଖି ହସି ଫାଲଗୁନି
ଦ୍ରୋଣେ ବୋଇଲେ ୟେ ତୋର ବିଚାରକୁ ନ ଯୋଗାଇ କି ପୁଣି । ୨୮
ଅର୍ଜୁନ ବୋଇଲା ଗୁରୁ ହେ ମୁଂ ହସିଲି ୟେଥକୁ
ୟେତେ ଦଣ୍ଡ ସଜ କି-  ଦ୍ରୁପଦ ଛାରକୁ । ୨୯
ଯେ ସେ ଜଣେ ଯାଇଂ ଆଣଇଂ କି ନା ଧରି
କିଞ୍ଚିତ କଥାକୁ କି-  ୟେତେ ଦଣ୍ଡ ଭିଡି । ୩୦
ଦ୍ରିଯୋଧନ ବୋଲା ତୁ ଜନ୍ମହୁଂ ଯେ ନଷ୍ଟ
ଯେତେକ ପ୍ରତଗ୍ୟାଂ କଲୁ ସବୁ ଗରୁ ଜ୍ୟେଷ୍ଠ । ୩୧
ବ୍ରାହ୍ମଣ ଗୁରୁ ବୋଲି ସହିଲେ ଯେ ତୋତେ
ଭାଗ୍ୟବର ହୋଇଲେ ନାଶ ଯାଆନ୍ତୁ କିଞ୍ଚିତେ । ୩୨
ୟେହି ଗୁରୁଙ୍କ ଛାମୁରେ ୟେତେ ଦର୍ପ କଥା କହୁ
ଅଳପ ଜାଣି ତୁ ଯେ ପ୍ରତଗ୍ୟାଂ ଅପାର ତ ବହୁ । ୩୩
ଆହୋ ଦ୍ରୋପଦ ବୋଲି ଯେବଣ ଚକ୍ରବ୍ରତୀ
ମହା ବିବେକ ଧାର୍ମିକ ବଳବନ୍ତା ପଞ୍ଚାଳ ଦେଶର ଆଧିପତି । ୩୪
ପଦ୍ମେକ ରଥ ଯେ ନବସାଗର ହାଥୀ
ଚାରି ପରାୟୁଧ ଅଶ୍ୱ ନବ କ୍ଷଉଣୀ ପାଦାନ୍ତି । ୩୫

ଚାରି ସହସ୍ର ପାରିଦଣ୍ଡ ଖଟନ୍ତି ରାଜା ୟେକେ
ତାହାକୁ ଧରି ଆଣିମୁ ତୁ ୟେକାଇ ଜଣକେ । ୩୬ ସଂ
ବୋଲନ୍ତି ବାସବି ଯେ ୟେହା ନୋହଇ ଅକାରଣ
ଗୁରୁଙ୍କର ବଚନ ସିନା ଅଟଇ ପରମାଣ । ୩୭
ଗୁରୁଙ୍କର ଆଗ୍ୟାଂୟେ ଯେବଣ ବଚନ
ତାହା ସେ ସାର କରି ଶୁଣ ହୋ ଦ୍ରିଯୋଧନ । ୩୮
ଦ୍ରୋଣେ ଯେବେ ଆଗ୍ୟାଂ ଦେବେଟି ନିରୁତାନ୍ତେ
ଦ୍ରୋପଦ ଛାରକୁ ମୁଂ ଆଣିବି କ୍ଷଣକର ମାତ୍ରେ । ୩୯
ଦ୍ରିଯୋଧନ ବୋଇଲା ଦେଖି ଯାଅ ନି ରେ ବାବୁ
ଦ୍ରୋପଦକୁ ଆଣିଲେ ସେ ପ୍ରତଗ୍ୟା ସାଚା ସବୁ । ୪୦
ଅଜଙ୍ଗମ ଧନୁ ଅକ୍ଷୟେ ତ୍ରୋଣ ବେନି

ଶ୍ରୀକରେ ଦ୍ରୋଣେ ନେଇ ଦିଲେକ ଫାଲଗୁନି । ୪୧
ଯେକା ଅର୍ଜୁନ ଚଳଇ ଗୁରୁ ବାକ୍ୟେ
ଶତ ସହସ୍ର ଦଣ୍ଡ ପରଳମ୍ଭ ଗୁରୁଙ୍କର ପାଦ ଉଦକେ । ୪୨ ସଂ

ଦ୍ରୋଣେ ବୋଇଲେ ବାବୁ ତୁ ହୋଅସି ଜଗୁଜିତା
ସ୍ୱର୍ଗ ମଞ୍ଚ ପତାଳେ କେ ତୋତେ ନୋହୁ ନା ଜିଣନ୍ତା । ୪୩
ଗୁରୁଙ୍କ ଆଗ୍ୟାଂ ପ୍ରମାଣେ ଚଳି ତୁତୀକୃଷ୍ଣ
ଜଗୁଜିତା ସୁନ୍ଦର ସେ ପ୍ରତଗ୍ୟାଂ ଗରିଷ୍ଠ । ୪୪
ବନ ନଗ୍ର ଜିଣିଣ ସେ ପ୍ରବେଶ ପାଞ୍ଚାଳ ଦେଶେ
କୃଷ୍ଣବେଣୀ କୂଳେ ବୀର ଚଳଇ ହରଷେ । ୪୫
ରାଜ୍ୟର ନିକଟେଣ ମଳୟ ନାମେ ଗିରୁ
ତହିଂର ଶିଖରେ ଯେ ବିଜୟେ ଧନୁର୍ଧାରୀ । ୪୬
ଶିରେ ରତ୍ନମଣି ମୁକୁଟ କୁଣ୍ଡଳ ଶୋଭା
ଶୂରବନ୍ତ ସୁନ୍ଦର ରୁଚିର ଚାରୁ ପ୍ରଭା । ୪୭
ଦେଶାଉର ପୁଛା କଲେ ଲକ୍ଷଣ ଗୁଣ ଦେଖି ସବୁ
କେବଣ ରାଜାର ତୁ କୁମର ଅଟୁ ବାବୁ । ୪୮
--------
୪୪ ।୨  ଦ୍ୱାପରକୁ ଭାରୋଇ ମଲ୍ଲ ପ୍ରତଗ୍ୟାଂ ଗରିଷ୍ଠ ।
୩୯ ।୧  ନିରୁତାନ୍ତ-ନିତାନ୍ତ
୪୨ ।୨  ପାଦ ଉଦକେ-ପାଦ ଉଦ୍ଦେଶ୍ୟେ

ବୋଲଇ ବାସବି କହ ରେ ତୁମ୍ଭର ରାଜାକୁ
ଦ୍ରୋପଦର ବଇରୀ ମୁଂ ଆସିଛି ସାଂଗ୍ରାମ କରିବାକୁ । ୪୯
ତୁମ୍ଭେ କହ ଯାଇଂ ବେଗେ ତୁମ୍ଭ ରାଜାଙ୍କ ଆଗର
ଦଣ୍ଡ ଘେନି ଆସି କରୁ ମୋର ତୁଲେ ଯେ ସମର । ୫୦
ଶ୍ରୀବନ୍ତ ଲୋକଙ୍କର ଆଗ୍ୟାଂ ନୋହଇ ନା ଭ୍ରଷ୍ଟ
ଦ୍ରଶନେ ବୋଧ ହୋଇ ପ୍ରଶନ୍ନେ ପୂରୋଇ ପେଟ । ୫୧
ରାଜାର ଦଣ୍ଡକୁ ଯେକା ଜଣକ ହିଂ ବାହି
ଶୁଣି ତାହାର ବଚନ ଭ୍ରଷ୍ଟ ନ କଲେ ସେ କେହି । ୫୨
ଦେବାର୍ଚ୍ଚନ ସାରି ରାୟେ ବିଜୟେ ଅବକାଶେ
ମନ୍ତ୍ରୀ ଅମାନାତ୍ୟମାନେ ଖଟିଛନ୍ତି ପାଶେ । ୫୩
ଦେଶାଉର ବାରତା କହଇ କରପତ୍ର ଯୋଡି
ଅଶକ୍ୟ କଥାୟେ ଦେବ ଶୁଣିମା ଅବଧାରି । ୫୪
ରାଜାମାନଙ୍କର ଯେ ଦେଶାଉର ଦିବ୍ୟ ଚକ୍ଷୁ
ସବ୍ୟ ଅସବ୍ୟ କହଣେ ମନ୍ତ୍ରୀ ତାହା ବାଛୁ । ୫୫
ଦେବ ! ହସ୍ତେଣ ଧନୁ ଆର ହସ୍ତେ ଶହସ୍ରେକ ଅଛି ଧରି
ଯେସନେକେ ବିଦ୍ୟାଧର ଗଗନୁଂ ଅବତରି । ୫୬
ବୋଲଇ ବାରତା କହ ତୁମ୍ଭର ରାଜାକୁ
ଦଣ୍ଡ ଘେନି ଆସି ସାଂଗ୍ରାମ ଦେଉ ମୁକୁ । ୫୭
ଦ୍ରୋପଦ ବୋଇଲେ କରୁଣାକର ପାତ୍ରକୁ ରାଇ
କେହୁ ଅଟଇ ସେ ତୁମ୍ଭେ ବୁଝି ଆସ ଯାଇ । ୫୮
ରାଜାର ବଚନେ ଯେ ପାତ୍ର ଚଳି ଗଲା
ଅହିବ୍ରତେକ ଯୋଦ୍ଧା ତୁଲେଣ ଘେନିଲା । ୫୯
ଆସନ୍ତି ମତ୍ତ ନାଗେ ଦାଣ୍ଡରେ ସର୍ବେ ପୂରି
ନାଦ ଶବଦେ ଯେ ଆସନ୍ତି ଝଞ୍ଜାରୀ । ୬୦

ଧର, ଧର, ମାର, ମାର ଶୁଭି ଘୋର ବୋବି
ଝଲକନ୍ତି ଲାଙ୍କିୟା ଯେ ବାଳ କିରଣ ଯେହ୍ନେ ରବି । ୬୧
------
୬୦ ।୨  ଘଣ୍ଟାରବ ଶବଦେ ଯେ ଆସନ୍ତି ଉପାଡି ।
୬୦ ।୨  ଝଞ୍ଜାରୀ-ଝମ ଝମ କରିବା, ବାଦ୍ୟ ବାଦକ
୬୧ ।୨  ଲଙ୍କିୟା-କେନାଥିବା ଶସ୍ତ୍ର ବିଶେଷ

ପର୍ବତେ ଥାଇଣ ଦେଖଇ କୋନ୍ତାଙ୍କର ସୁତେ
ଦଶ ଧାଉଡି ଦଶ ନାରାଜ ବିନ୍ଧିଲେ କିଞ୍ଚିତେ । ୬୨
ଧାଡିକେ ଆସୁଥିଲେ ଦଶ ସହସ୍ର ମତ୍ତ ଗଜେ
ଅହିବ୍ରତେକ ହସ୍ତୀ ପଡିଲେ ଦଶ ନାରାଜେ । ୬୩ ସଂ
ଚିତାରେ ବାଜି ବାଣ ମଳଘର ବାଟେ ନିକିଳି
ହସ୍ତୀ ଉପରୁ ଯୋଦ୍ଧାୟେ ପଡିଲେ ମୋହେ ଢଳି । ୬୪
ରାଜାର ଅଗ୍ରେତେ ଯାଇ କହିଲେ ମୁନେହି
ଦଣ୍ଡ ଘେନି ଦ୍ରୋପଦ ଆପଣେ ଅଇଲା ଯେ ବାହି । ୬୫
ପଦ୍ମେକ ରଥ ବତିଶ ପଦ୍ମ ହସ୍ତୀ
ଅଶୀ ସାଗର ବାରାସ ସାତ କ୍ଷଉଣୀ ପାଦାନ୍ତି । ୬୬
ଧାମନ୍ତି ଯୋଦ୍ଧାୟେ ଯେ ସିଂହ ରଚି କରି
ସାତ ଯୋଜନ ପରିଯନ୍ତେ ଥାଟ ଆସଇ ପୂରି । ୬୭
ପର୍ବତ ଉପରେ ଥାଇ ବିଚାର କରଇ ଅର୍ଜୁନ
ସାଧୁ ସ- ଦ ତୋର ରେ ଦ୍ରୋପଦ ଧନ୍ୟ ତୋ ଜୀବନ । ୬୮
ଗୁରୁ ଆଗ୍ୟାଂ ଯେ ନ ଦିଲେ ତୋତେ ପ୍ରାଣେ ମାରିବାକୁ
ବିନା ଅପରାଧେ କି-  ମାରିବି ୟେହାକୁ । ୬୯
ଗୁରୁଙ୍କର ମଇତ୍ର ୟେ ଅଟନ୍ତି ଯୁଗତେ
ଗୁରୁ ମଇତ୍ର ମୁଂ ନାଶ କରିବି କେମନ୍ତେ । ୭୦
ସଦଭାବେ ମୋତେ କହି ଅଛନ୍ତି ଗୁରୁ ଦ୍ରୋଣେ
ମନଭେଦୀ ନାରାଜ ବୀର କାଢିଲାକ ତ୍ରୋଣେ । ୭୧
ମୋହନା ନାରାଜ ଭେଦିଲା ସେ ଦ୍ରୋପଦର ଥାଟ
ଅନେକ ନାରାଜ ଯାଇ ହୋଇଲାକ ଭେଟ । ୭୨
ରଥକେ ସହସ୍ର ନାରାଜ ଯେ ଗଜକେ ପାଞ୍ଚ ଶତ
ଅଶ୍ୱକେ ଅଢାଇ ଶତ ପାଦାନ୍ତିକେ ୟେକ ଶତ । ୭୩ ସଂ
------
୬୨ ।୨  ଗୁମ ଟଙ୍କାରି ଦଶ ନାରାଜ ମାରିଲା କିଞ୍ଚିତେ ।
୬୪ ।୧  ଚିତାରେ ବାଜି ବାଣ ପଛ ବାଟେଣ ନିକିଳି ।
୬୫ ।୧  ମୁନେହି-ଦୂତ, ୬୬ ।୨ ବାରାସ-ଅଶ୍ୱାରୋହୀ

ୟେତେକ ନାରାଜ ୟେକା ଅର୍ଜୁନ ଯେ ଭେଦି
ସାଦ ଯୋଜନ ମାଡି ଥାଠ ପଡିଲେ ଆଛାଦି । ୭୪
ମୋହେଣ ଅଚେବନ ହୋଇ ଯେ ପଡିଲେ ସଇନି
ଦ୍ରୋପଦ ରାଜାକୁ ଯାଇ ଧଇଲେ ଫାଲଗୁନି । ୭୫
ଦ୍ରୋପଦ ବୋଇଲେ ବାବୁ ତୁ କେବଣ ପୁରୁଷ
ତ୍ରିଭୁବନେ ନାହିଂ କାର ୟେମନ୍ତ ସାହସ । ୭୬
ଅର୍ଜୁନ ବୋଇଲେ ମୁଂ କୋଇନ୍ତାଙ୍କ ସୁତ
ଦ୍ରୋଣ ଗୁରୁ ତହୁଂ ବିଦ୍ୟା ଶିଖିଲି ଅପ୍ରମିତ । ୭୭
ସେ ଗୁରୁ ଆମ୍ଭଙ୍କୁ ଦକ୍ଷିଣା ମାଗିଲେ

ଦ୍ରୋପଦ ରାଜାକୁ ଆଣି ଦିଅସି ବୋଇଲେ । ୭୮
ତାହାଙ୍କର ବଚନେ ମୁଂ ଅଇଲଇଂ ୟେଥ
ତେଣୁ କରି ସଇନି ତୋର କଲଇଂ ନିପାତ । ୭୯
ଅର୍ଜୁନ ବୋଇଲେ ଦ୍ରୋପଦ ଭ୍ରାନ୍ତି ତୁ ନ କର ହୋ କିଛି
ଦ୍ରୋଣଙ୍କର ଶିଷ ମୁଂ ତୋତେ ନେମାକୁ ଆସି ଅଛି । ୮୦
ମୋହୋର ଥିଲେ ତୋତେ ନାହିଂ ପରମାଦ
ମନେ ଭ୍ରାନ୍ତି ତୁମ୍ଭେ କିଛୁ ନ କର ଦ୍ରୋପଦ । ୮୧
ଦ୍ରୋପଦ ବୋଇଲା ମୁଂ ଦ୍ରୋହ କରିଛି ଦ୍ରୋଣଙ୍କୁ
ଭୋ ଅର୍ଜୁନ ତୁମ୍ଭେ ଯେ ଶରଣ ରଖ ମୁକୁ । ୮୨
ଅର୍ଜୁନ ବୋଇଲେ ମୁଂ କରିବି ୟେକ ଶାସ୍ତି
ଗୁରୁଙ୍କ ବଚନେ ଶିଷ୍ୟେ ଥାଆନ୍ତିଟି ବର୍ତ୍ତି । ୮୩
ଡୋର ଗୋଟିୟେ ଘେନି ବାନ୍ଧିବି ଯେ କର
ୟେଥକୁ ଭୋ ତାତ ମୋତେ କୋପ ଯେ ନ କର । ୮୪
ଶାସ୍ତି ଦେଖିମ ତୋତେ ଦୟା କରନ୍ତୁ ଦ୍ରୋଣେ
ଚିର କୋପୀ ନୋହନ୍ତି ସେ ମହାଶାନ୍ତି ବ୍ରାହ୍ମଣେ । ୮୫

--------

୭୪ ୟେତେକ ନାରାଜ ଯେ ଅର୍ଜୁନ ହସ୍ତୁଂ ଫିଟି
ସାତ ଯୋଜନ ମାଡି ପଡିଲେ ଥାଠ ଗୋଟି ।
୮୩ ।୨ ଗୁରୁ ବଚନ ଦିଲେ ନ ଥାନ୍ତୁ ନା ବର୍ତ୍ତି ।
୭୫ ।୧ ଅଚେବନ-ଅଚେତନ

ଦ୍ରୋପଦ ବୋଇଲା ଯେହ୍ନେ ତାହାଙ୍କର ପ୍ରତଗ୍ୟାଂ
ତୋହୋର ବଚନ କେସନେ କରିବି ଅବଗ୍ୟାଂ । ୮୬
ଆଗେଣ ଦ୍ରୋପଦ ପଛେ ବୀର ଫାଲଗୁନି
ନବ ଦିନେ ଚଳି ଗଲେ ୟୋଜନ ଶତ ତିନି । ୮୭
ବାରୁଣାବନ୍ତ ସେ ଆଖଡାର ନିକଟେ
ଦ୍ରୋପଦକୁ ବନ୍ଧନ ସେ କଲା ଡୋର ପାଟେ । ୮୮
କେଶ ବାସ ଅସମ୍ଭାଳ ଧୂଳିରେ ଧୂସର
ବିବଶ ବିଛନ୍ନ କରି ଦେଇ ନେଲା ଗୁରୁଙ୍କ ଛାମୁର । ୮୯
ବାମ କରେ ଅଛି ଧ୍ରୋପଦର କେଶ ଧରି
ଆଖଡା ଘରେ ପଶିଲା ଦ୍ରୋପଦଙ୍କୁ ବାନ୍ଧି କରି । ୯୦
ପଲଙ୍କ ଉପରେ ଗୁରୁ ଅଛନ୍ତି ଯେ ଶୋଇ
ଦ୍ରୋପଦକୁ ଘେନି ଅର୍ଜୁନ ଅଛି ଉଭା ହୋଇ । ୯୧
ଗୁରୁଙ୍କର ନିଦ୍ରା ମୁଂ ଭାଙ୍ଗିବି କେମନ୍ତେ
ପାଦତଳେ ପଲଙ୍କ ଖୁରାରେ ବାନ୍ଧିଲେ ଦ୍ରୋପଦେ । ୯୨
ଆହୋ ମୁହିଂ ଯାଉଅଛି ଯୁଝେଷ୍ଠି ଦେବଙ୍କ ଛାମୁରେ ଯାୟେ
ତୁ ୟେଥେ ପଡି ରୋଦନ କରୁଥାଅସି ଯେ ରାୟେ । ୯୩
ମହାଭିଗ୍ୟ ବ୍ରାହ୍ମଣ ଅଟନ୍ତି ଦ୍ରୋଣ ଗୁରୁ
ଅବସ୍ତା ଦେଖି ତୋତେ ବିଚାରି ଦୟା କରୁ । ୯୪
ନିସତ ହୋଇ ତୁ ନ ପଳାଇବୁଟି ଦ୍ରୋପଦ
ନାରାଜ ବିନ୍ଧିବି ଯେତେ ଦୂରେ ଥଲେ ହୋଇବୁ ଶିରଛେଦ । ୯୫
ମୁଇଂ ୟେବେ ଭୀଷ୍ମ, ବିଦୁର, ଯୁଝେଷ୍ଠିଙ୍କି ଆଣଇ ରାଇ
ତୋତେ ପାରି କରି ଦେବୁନି ସମସ୍ତେ ବିନୋଇ । ୯୬
ବାହାର ହୋଇ ଗଲାକ ତହୁଂ ଦୁତୀ ଶ୍ରୀହରି
ମନେ ବିଚାରଇ କଥାୟେ ଅଇଲି ପାଶୋରି । ୯୭

ଦ୍ରୋପଦ ସନ୍ୟ କି-। ମୋହେ ପଡିଥିବେ
ସେ କି ଆଉ ଆସି ଆମ୍ଭଙ୍କୁ କିସ ଯୁଦ୍ଧ ଯେ କରିବେ । ୯୮
----------
୮୯ ।୨ ବିରୂପ କରିଦେଇ ନେଲା ଗୁରୁଙ୍କ ଛାମୁର ।
୯୬ ।୨ ତୋହୋ ପାଇଂ ସମସ୍ତେ କହନ୍ତୁ ବିକଳାଇ ।
୯୫ ।୧ ନିସତ-ନିସତ୍ୱ, ଦୁର୍ବଳ
୮୯ ।୨ ବିଛନ୍ନ-ବିଷଣ୍ଣ, ବ୍ୟାକୁଳ

ନୋହଇ ବଇରି ସେ ଅଟଇ ବ୍ରାହ୍ମଣ
କିଞ୍ଚିତ ଦୋଷେ ଯହୁଂ ଆଗ୍ୟାଂ ଦିଲେ ଗୁରୁ ଦ୍ରୋଣ । ୯୯
ୟେସନେକ ସମୟେ ଘେନିଲେ ଜୀବନ୍ୟାସ ଶର
ଦ୍ରୋପଦ ଥାଠକୁ ଜୀବ ଦେବୁ ବୋଇଲା ବାସବ କୁମର । ୧୦୦
ଆଗ୍ୟାଂ ପ୍ରମାଣେ ସେ ଶର ଚଳି ଗଲା
ତିନି ଶତ ଯୋଜନେ ପଡି ସେ ସମସ୍ତ ଜୀଆଂଇଲା । ୧୦୧
ବାହୁଡି ନାରାଜ ଆସି ଅର୍ଜୁନ ତ୍ରୋଣରେ ପଶି
ସାଧ ସାଧୁ ବୋଇଲେ ସେ ସୁର ସ୍ୱର୍ଗ ବାସୀ । ୧୦୨
ଦ୍ରୋପଦର ସଇନି ମୋହ ତେଜିଣ ଉଠିଲେ
ରାଜାକୁ ବନ୍ଦୀ କରି ନେଲା ସେ ଯେ ଗୋଳେ କଲେ । ୧୦୩
ଯେ ଯାହା ପୁରେ ସେ ରୋଦନ କଲେ ଲୋକେ
ସମୟେ ଜାଣି ପୁଣି ଶାନ୍ତି ହୋଇଲେକ ଥୋକେ । ୧୦୪
ୟେଥୁ ଅନନ୍ତରେ ଯେ ଅର୍ଜୁନ ଚଳି ଗଲା
ଭୀଷ୍ମ ବିଦୁର ସଞ୍ଜୟ ଯୁଝେଷ୍ଠିଙ୍କ ରୁଣ୍ଡ କଲା । ୧୦୫
ଦ୍ରୋପଦ ବାପୁତାକୁ ଆଣି ଅଛି ଧରି
ଗୁରୁଙ୍କୁ କହି ସମସ୍ତେ ହେଂ ଦେବା ପାରି କରି । ୧୦୬
ୟେମନ୍ତର ସମୟେ ଯେ କର୍ଣ୍ଣ ଦ୍ରିଯୋଧନ
ଶତେକ ଭାଇ ତୁଲେ ସେ କୁମାର ଧୁଶାସନ । ୧୦୭
ଆଖଡା ଶାଳେ ଆସି ପ୍ରବେଶ ସମସ୍ତେ
ଦେଖିଲେ ବାନ୍ଧଣା ହୋଇଛି ନୃପତି ୟେତେ ଭଗନସ୍ତେ । ୧୦୮
ଧାଇଂଣ ବାଳ ତାର ଦ୍ରିଯୋଧନ ଧଇଲା ଯାଇଂ ଝାଡି
ମାରନ୍ତି ଦ୍ରୋପଦକୁ ଦେଅନ୍ତି ଅନେକ ଶାସ୍ତି । ୧୦୯
ମୂର୍ଖ ଦୃଭାର ସେ ଦୁଷ୍ଟ ଧୃତରାଷ୍ଟି
ନାରାଜ ଘେନି ଦ୍ରୋପଦକୁ କଲାକ ସାତ ବେଷ୍ଟି । ୧୧୦
ମାରନ୍ତି ଲେତା ଗୋଇଠା ପଛବାହା କରିଣ ଯେ ବାନ୍ଧି
ଅର୍ଜୁନ ରଖ, ରଖ ବୋଲି ଉଞ୍ଚ ସ୍ୱରେ ନୃପ କାନ୍ଦି । ୧୧୧
ଗୋଳ ଶବଦ ଶୁଣି ଚିଆଂଇଲେ ଗୁରୁ ଦ୍ରୋଣେ
ଦେଖିଲେ ଦ୍ରୋପଦର କେଶ ବାସ ଅସମ୍ଭାଳନେ । ୧୧୨
ଦ୍ରୋଣେ ବୋଇଲେ ରହ ରହ ଧୃତରାଷ୍ଟି
ୟେ ଆମ୍ଭର ମଇତ୍ର ଦ୍ରୋପଦେଶ୍ୱର ହେ ଟି । ୧୧୩
ପଲଙ୍କରେ ଥାଇଂ ଦ୍ରୋପଦର ଅବସ୍ତା ଦେଖିଲେ
ହା ହା ମଇତ୍ର ବୋଲି ଉଠିଣ କୋଳ କଲେ । ୧୧୪
ତୁ ମୋହୋର ମଇତ୍ର ଅଟୁ ପଞ୍ଚୁଭୂତ ଆତ୍ମା
ନ ଜାଣି ଅପ ଗଞ୍ଜଣା ପାଇଲୁ ମହାତମା । ୧୧୫
ଶାଢି ସରଳ ଅକ୍ଷତ ଗୁରୁ ଦିଲେକ ସମ୍ଭରେ
ଯାଅ ଯାଅ ମଇତ୍ର ହୋ ତୋହୋର ନିଜ ପୁରେ । ୧୧୬-୪୨୨୯ ।
--------

୧୦୮ ।୨ଭଗନସ୍ତ-ଭଗନଷ୍ଟ, ଐଶ୍ୱର୍ଯ୍ୟ ହାନି ବା ଭଗ୍ନସ୍ଥ, ଭାଙ୍ଗି ପଡିଛି

୧୧୦ ।୧ଧୃତରାଷ୍ଟି-ଧୃତରାଷ୍ଟ୍ରର ପୁତ୍ର-ଦୁର୍ଯ୍ୟୋଧନ (ଧାତରାଷ୍ଟ୍ରିର ଅପଭ୍ରଷ୍ଟ)

୧୧୫ ।୨ଆପ ଗଞ୍ଜଣା-ଅପମାନ

୧୧୬ ।୧ସରଳ-ଅଳଙ୍କାର ବିଶେଷ

**********